ପାଠ 16
पाठ

ଚାଲ ପାଠ ପଢ଼ିବା
चाल पाठ पढ़िबा

କବିତା : ଆଜି ଏତେ ଡ଼େରି କ'ଣ ଭାଉଜ? ସମସ୍ତେ ତ ପ୍ରୌଢ଼ ଶିକ୍ଷା କେନ୍ଦ୍ରକୁ ଯାଇସାରିଲେଣି ।

ଭାଉଜ : କ'ଣ କରିବି ? ଦିନ ସାରା କାମ କରୁକରୁ ଥକି ଯାଉଚ୍ଛି । ପିଲାପିଲିଙ୍କ ଦେଖାଶୁଣା ମଧ୍ୟ କରିବାକୁ ପଡ଼ିବ ।

କବିତା : ହଁ, ମୁଁ ଆଜି ତୁମର ପିଲାପିଲିଙ୍କୁ ସ୍କୁଲକୁ ଯାଉଥିବାର ଦେଖିଚ୍ଛି ।

ଭାଉଜ : ସେମାନେ ତ ଆଜି ଆସୁଆସୁ ଡ଼େରି କଲେ । ପୁଣି ସେମାନଙ୍କ ଖାଇବା ପିଇବା ବିଷୟ୍ରେ ଦେଖିବାକୁ ସମୟ୍ ଲାଗିଲା ।

କବିତା : ରାତିର ରୋଷେଇବାସ କ'ଣ ସାରିକି ଆସିଲ ?

ଭାଉଜ : ନାହିଁ ଲୋ ଭଉଣୀ ! କେନ୍ଦ୍ରରେ ପଢୁପଢୁ ତ ରାତି ଆଠଟା ବାଜିବ । ତା ପରେ ଘରକୁ ଯାଇ ରୋଷେଇ

चलो पाठ पढ़ेंगे

कविता : आज इतनी देर क्यों भाभी? सब लोग प्रौढ़ शिक्षा केंद्र (को) चले गए हैं।

भाभी : क्या करूँगी ? दिन भर काम करते-करते थक जाती हूँ। फिर बच्चों का देखभाल भी करना पडेगा।

कविता : हाँ, आज मैंने तुम्हारे बच्चों को पाठशाला जाते हुए देखा।

भाभी : आज तो उन्होंने आते-आते देरी की। फिर उनके खाने-पीने के बारे में देखने केलिए समय लगा।

कविता : क्या रात का खाना बना कर आई?

भाभी : नहीं बहन ! केंद्र में पढ़ते-पढ़ते तो रात के आठ बज जाएँगे। उसके बाद घर जाकर खाना बनाऊँगी। इस प्रकार काम करते करते थक जाती हूँ।

कविता : मैं ने भैया को भी ऑफिस से आते हुए देखा है।

କରିବି। ଏହିପରି କାମ କରୁ କରୁ ମୁଁ ଥକି ଯାଉଛି।

କବିତା : ମୁଁ ଭାଇଙ୍କି ମଧ୍ୟ ଅଫିସରୁ ଆସୁଥିବାର ଦେଖିଛି।

ଭାଉଜ : ଘରକୁ ଆସି ଗୋଟିଏ ଜାଗାରେ ବସି ପତ୍ରିକା ପଢ଼ିବା ତ ତାଙ୍କର ମୁଖ୍ୟ କାମ। ତମେ ମଧ୍ୟ ଏକଥା ଜାଣ।

କବିତା : ଭାଉଜ ତମେ କେତେ ଦୂର ଲେଖା ପଢ଼ା ଶିଖିଲଣି ?

ଭାଉଜ : ଏବେ ତ ମୁଁ ଚିଠି ପତ୍ର ଲେଖି ପାରୁଛି। ଭାଗବତ ବି ପଢ଼ିପାରୁଛି। ପଢୁପଢୁ ଓ ଲେଖୁ ଲେଖୁ ତ ଅଭ୍ୟାସ ହୋଇଯିବ।

କବିତା : ନନ୍ଦିନୀ ଅପା ସେଦିନ 'ରାମାୟଣ' ବୋଲୁଥିବାର ମୁଁ ଶୁଣିଛି।

ଭାଉଜ : ମୋ ମାଉସୀଙ୍କ ପାଖକୁ ମୋର ପ୍ରଥମ ଚିଠିଟି ଲେଖିଥିଲି। ଚିଠି ପଢ଼ିକରି ସମସ୍ତେ ହସିହସି କରି ବେଦମ ହୋଇଗଲେ।

କବିତା : କ'ଣ ଏହା ସତ ଅଟେ, ଭାଉଜ? ଅପାଠୁଆ ଲୋକ ଅନ୍ଧ ସମାନ। ପଢ଼ିବାକୁ ତାଙ୍କୁ ବୁଝାଇବାକୁ ପଡ଼ିବ। ନହେଲେ

भाभी : घर आकर एक जगह बेठे बेठे पत्रिकाएँ पढ़ना तो उनका मुख्य काम है। तुम भी यह बात जानती हो।

कविता : भाभी, तुम कितना पढ़ना-लिखना सीख गई हो?

भाभी : अब तो मैं चिट्ठी-पत्र लिख सकती हूँ। भागवत भी पढ़ सकती हूँ। पढते पढते और लिखते लिखते अभ्यास हो जाएगा।

कविता : उस दिन मैंने नंदिनी दीदी को रामायण गाते हुए सुना।

भाभी : मैंने पहली चिट्ठी अपनी मौसी को लिखी थी। चिट्ठी पढ़कर सब हँस हँसकर हैरान हो गए थे।

कविता : क्या यह सच है भाभी ? अनपढ़ आदमी अंधे के समान हैं। पढ़ने के लिए उन्हें समझाना पड़ेगा। नहीं तो वे अंधकार से प्रकाश में कैसे आएँगे?

भाभी : हाँ, कविता, हम लोगों को पढ़ पढ़ कर के आगे बढ़ना चाहिए। तब तो देशका उन्नति होगा।

ସେମାନେ ଅନ୍ଧାରରୁ ଆଲୁଅକୁ ଆସିବେ କେମିତି ?	
ଭାଉଜ : ହଁ କବିତା, ଆମ୍ଭମାନଙ୍କୁ ପଢ଼ି- ପଢ଼ି କରି ଆଗକୁ ଯିବା ଦରକାର । ତେବେ ତ ଦେଶର ଉନ୍ନତି ହେବ ।	
କବିତା : ଭାଉଜ, ତମ ସହ ଚାଲୁ ଚାଲୁ ମୁଁ ଏତେ ଦୂର ଚାଲି ଆସିଲି । ତମେ ଏବେ ପ୍ରୌଢ଼ ଶିକ୍ଷା କେନ୍ଦ୍ରକୁ ଯାଅ । ମୁଁ ଯାଉଛି ।	**कविता : भाभी! तुम्हारे साथ चलते-चलते मैं इतनी दूर चली आई। तुम अब प्रौढ़ शिक्षा केंद्र (को) जाओ। मैं चलती हूँ।**

शब्दार्थ

ओड़िआ शब्द	**हिंदी अर्थ**
ଡ଼େରି	**देर**
ଭାଉଜ	**भाभी**
ସମସ୍ତେ	**सब**
ସାରା	**सारा, संपूर्ण**
କରୁକରୁ	**करते-करते**
ପିଲାପିଲି	**बच्चे**
ପୁଣି	**फिर**
ବୁଝିବାକୁ ପଡ଼ିଲା	**देखना पड़ा**
ଆସୁଆସୁ	**आते-आते**
ଯାଉଥିବାର	**जाते हुए**
ଖାଇବା ପିଇବା	**खाना-पीना**
ରୋଷେଇବାସ	**रसोई**

ସାରିବା	ख़त्म करना
ପଢୁପଢୁ	पढ़ते-पढ़ते
ଆସୁଥିବାର	आते हुए
ବୋଲୁଥିବାର	गाते हुए
ମାଉସୀଙ୍କ ପାଖକୁ	मौसी की पास्
ହସିହସି	हँसते-हँसते
ଅପାଠୁଆ	अनपढ़
ବୁଝାଇବା	समझाना
ଆଲୋକ	प्रकाश
କେମିତି	कैसे
ସୁନା ହୋଇଯିବ	सोना हो जाएगा (उन्नत हो जाएगा)
ଚାଲୁଚାଲୁ	चलते-चलते
ଭାଗବତ	जगन्नाथ दास द्वारा ओड़िआ में लिखा गया भक्ति ग्रंथ

अभ्यास

I. (1) नीचे दिए गए वाक्य दोहराइए।

1. ସମସ୍ତେ ତ ଯାଇ ସାରିଲେଣି ।
   ସମସ୍ତେ ତ ପ୍ରୌଢ଼ଶିକ୍ଷା କେନ୍ଦ୍ରକୁ ଯାଇ ସାରିଲେଣି ।
2. ମୁଁ ତାଙ୍କୁ ଆଜି ଦେଖିଛି ।
   ମୁଁ ତାଙ୍କୁ ଆଜି ସ୍କୁଲକୁ ଯାଉଥିବାର ଦେଖିଛି ।
3. ସେମାନେ ଡେ଼ରି କଲେ ।
   ସେମାନେ ଆସୁଆସୁ ଡେରି କଲେ ।
4. ସମସ୍ତେ ହସିହସି ବେଦମ୍ ହୋଇଗଲେ ।
   ଚିଠିଟି ପଢ଼ି ସମସ୍ତେ ହସିହସି ବେଦମ ହୋଇଗଲେ ।

5. ତମ ସହ ମୁଁ ଏତେ ଦୂର ଚାଲି ଆସିଲି ।
ତମ ସହ ଚାଲୁଚାଲୁ ମୁଁ ଏତେ ଦୂର ଚାଲି ଆସିଲି ।

(2)

1. ଭାଉଜ କାହିଁକି ଥକି ଗଲେଣି ?
ଦିନ ସାରା କାମ କରି କରି ଭାଉଜ ଥକି ଗଲେଣି ।

2. ପାଠ ପଢୁପଢୁ କେତେଟା ବାଜିବ ?
ପାଠ ପଢୁପଢୁ ଆଠଟା ବାଜିବ ।

3. ହସିହସି କେଉଁମାନେ ବେଦମ ହୋଇଗଲେ ?
ଭାଉଜଙ୍କ ଘରର ଲୋକମାନେ ହସିହସି ବେଦମ୍ ହୋଇଗେଲେ ।

4. କବିତା କେମିତି ଏତେ ଦୂରକୁ ଆସିଲା ?
କବିତା ଚାଲୁଚାଲୁ ଏତେ ଦୂରକୁ ଆସିଲା ।

5. କବିତା ଭାଇଙ୍କି କେଉଁଠୁ ଆସୁଥିବାର ଦେଖିଲା ?
କବିତା ଭାଇଙ୍କି ଅଫିସରୁ ଆସୁଥିବାରୁ ଦେଖିଲା ।

II. वाक्यों में रेखांकित शब्दों के स्थान पर दिए गए शब्दों का प्रयोग कर नये वाक्य बनाइए ।

1. ପଢୁପଢୁ ରାତି ଆଠଟା ବାଜିବ ।

ଲେଖୁଲେଖୁ
ଦେଖୁଦେଖୁ
ଯାଉଯାଉ
ଆସୁଆସୁ
ଖେଳୁଖେଳୁ

2. ସେ ଖେଳିଖେଳି ଆସିଲା ।

ଚାଲିଚାଲି
ପଢ଼ିପଢ଼ି
ଶୁଣିଶୁଣି
ହସିହସି
ଦେଖିଦେଖି

3. ମୁଁ ତାଙ୍କୁ ଯାଉଥିବାର ଦେଖିଲି ।

ଆସୁଥିବାର
ଖେଳୁଥିବାର
ପଢୁଥିବାର
ଲେଖୁଥିବାର
କାନ୍ଦୁଥିବାର

ଖାଉଥିବାର

III. कोष्ठक में दिए गए शब्दों में से उपयुक्त शब्दों का प्रयोग कर वाक्य पूरे किजिए।

1. ରାତିର ରୋଷେଇବାସ କ'ଣ ସାରିକି _____ ? (ଆସିବା, ଆସିଲ)
2. ସେମାନେ ସ୍କୁଲକୁ _____ । (ଯାଉଛନ୍ତି, ଯାଉଛି)
3. ଲୋକମାନେ ପ୍ରୌଢ଼ ଶିକ୍ଷା କେନ୍ଦ୍ରକୁ ____ । (ଯାଉଥିବି, ଗଲେଣି)
4. ନହେଲେ ସେମାନେ ଅନ୍ଧାରରୁ ଆଲୁଅକୁ ଆସିବେ _____? (କଣ, କେମିତି)
5. ଭାଉଜଙ୍କୁ ମୁଁ ଆସୁଥିବାର _____ । (ଦେଖି, ଦେଖିଲି)

IV. उदाहरण के अनुसार कोष्ठक में दिए गए शब्दों का प्रयोग कर वाक्य विस्तार किजिए।

उदाहरण:- ଭାଉଜ ଥକି ଗଲେଣି । (କାମ କରିକରି)
ଭାଉଜ କାମ କରିକରି ଥକି ଗଲେଣି ।

1. ପିଲାଟି ପାଠ ଅଭ୍ୟାସ କରୁଛି। (ଲେଖିଲେଖି କରି)
2. ସୀତାକୁ ମୁଁ ଦେଖିଲି । (ଗୀତ ଗାଉଥିବାର)
3. ବୋଉ ବି ପଢ଼ିପାରୁଛି । (ଭାଗବତ)
4. ସେ ତଳେ ପଡ଼ିଗଲେ । (ଦୌଡୁଦୌଡୁ)
5. ପିଲାମାନଙ୍କୁ ମୁଁ ଦେଖିଛି । (ହସୁଥିବାର)

V. कोष्ठक में दिए गए हिंदी शब्दों के समानार्थक ओड़िआ शब्दों का प्रयोग कर वाक्य पूरे कीजिए।

1. ଅଜା ଗାଁରେ ଭାଗବତ _____ ନିଜର ଜୀବନ ବିତାଇଲେ । **(पढ़ते-पढ़ते)**
2. ଝିଅଟି _____ ମୁଁ ଦେଖିଲି । **(गात हुए)**
3. ମୋ ବୋଉ _____ ଜାଣନ୍ତି ନାହିଁ । **(पढ़ना-लिखना)**
4. ସେ କାମ _____ ଥକିଗଲେ । **(करते करते)**
5. ଗାଡ଼ି ପାହାଡ ଉପରକୁ ______ ଗଡ଼ିଗଲା । **(चढ़ते चढ़ते)**
6. ହରିକୁ ______ ସେ ଦେଖିଲେ । **(खेलते हुए)**

VI. कोष्ठक में दिए गए शब्दों के उपयुक्त रूपों का प्रयोगकर वाक्य पूरे कीजिए।

(1)

1. ସେମାନେ ପ୍ରୌଢ଼ ଶିକ୍ଷା _____ ଯାଇସାରିଲେଣି । (କେନ୍ଦ୍ର)
2. ଅପାଠୁଆ ଲୋକ _____ ଆଲୁଅକୁ ଆସିବେ କେମିତି ? (ଅନ୍ଧାର)
3. କାହିଁକି, _____ କହୁନ ? (ବାପା)

4. ଭାଉଜଙ୍କ କଥା ମୋତେ ______ ପଡ଼ିଲା । (ବୁଝିବା)
5. ତୁମ _____ ଏହା ମୋର ପ୍ରଥମ ଚିଠି । (ପାଖ)

(2)

1. ସେମାନଙ୍କ ଖାଇବା ପିଇବା ବିଷୟରେ ____ ସମୟ ଲାଗିଲା । (ବୁଝିବା)
2. ପିଲାମାନଙ୍କ ଲେଖାପଢ଼ା _______ ? (ସରିବା)
3. ଘରକୁ ଫେରୁଫେରୁ ରାତି ଆଠଟା ______ ? (ବାଜିବା)
4. ତୁମେ ଏବେ ଘରକୁ _____ । (ଯିବା)
5. ସେମାନେ ଅନ୍ଧାରରୁ ଆଲୁଅକୁ ______ କେମିତି ? (ଆସିବା)

VII. उदाहरण के अनुसार दिए गए प्रत्येक वाक्य के दो-दो वाक्य बनाइए।

उदाहरण:- ମୁଁ ଆଜି ତାଙ୍କୁ ବିଦ୍ୟାଳୟକୁ ଯାଉଥିବାର ଦେଖିଛି ।
ମୁଁ ତାଙ୍କୁ ଦେଖିଛି ।
ସେ ବିଦ୍ୟାଳୟକୁ ଯାଉଥିଲେ ।

1. ମୁଁ ଦିନ ସାରା ତାଙ୍କୁ କାମ କରୁଥିବାର ଦେଖିଛି ।
2. ଭାଇଙ୍କି ଅଫିସରୁ ଆସୁଥିବାର ମୁଁ ଦେଖିଛି ।
3. କାଲି ସକାଳେ ସୀତାକୁ ଚିଠିଟି ପଢୁଥିବାର ସେ ଦେଖିଲେ ।
4. ସୁପ୍ରିୟାକୁ ନାଟ୍ୟମଞ୍ଚରେ ଗୀତ ଗାଉଥିବାର ମୁଁ ଦେଖିଲି ।
5. ମା' କୁ ରୋଷେଇ କରୁଥିବାର ମୁଁ ଦେଖିଲି ।

VIII. उदाहरण के अनुसार दिए गए वाक्यों के प्रश्नवाची वाक्य बनाइए।

उदाहरण:- ତୁମେ ଲେଖା ପଢ଼ା ଶିଖିଲଣି ।
ତୁମେ କ'ଣ ଲେଖା ପଢ଼ା ଶିଖିଲଣି ?

1. ନନ୍ଦିନୀ ଅପା ରାମାୟଣ ବୋଲି ପାରନ୍ତି ।
2. ସେମାନେ ସ୍କୁଲକୁ ଗଲେ ।
3. ସମସ୍ତେ ହସିହସି ବେଦମ୍ ହୋଇଗଲେ ।
4. ଭାଉଜ ପ୍ରୌଢ଼ ଶିକ୍ଷା କେନ୍ଦ୍ରକୁ ଗଲେଣି ।
5. ତୁମେ ଘରକୁ ଯିବ ।

IX. उदाहरण के अनुसार नीचे दिए गए वाक्य युग्मों को मिलाकर एक-एक वाक्य बनाइए।

उदाहरण:- ରାମ ବହି ଖଣ୍ଡିକ ଧରିଲା ।
ରାମ ସ୍କୁଲକୁ ଗଲା ।

ରାମ ବହି ଖଣ୍ଡିକ ଧରି ସ୍କୁଲକୁ ଗଲା ।

1. ମୁଁ ଘରକୁ ଯିବି ।
   ମୁଁ ରୋଷେଇ କରିବି ।
2. ପିଲାଟି ଦୌଡୁଥିଲା ।
   ସେ ପଡ଼ିଗଲା ।
3. ତୁମେ ଯିବ ।
   ତୁମେ ଚିଠି ଦେବ ।
4. ସେ ଖାଇଛି ।
   ସେ ଶୋଇ ପଡ଼ିଛି ।
5. ପିଲାଟି ଆସିଲା ।
   ସେ ଏଠି ବସିଲା ।

पढ़िए और समझिए

ଆମ ବିଦ୍ୟାଳୟ
आम बिद्याळय

ଆମ ଗାଁରେ ଏକ ଅନ୍ଧ, ମୂକ ଓ ବଧିର ବିଦ୍ୟାଳୟ ଥିଲା । ତା ସାମନାରେ କୁଳୁକୁଳୁ ହୋଇ ଏକ ନଦୀ ବହିଯାଉଥିଲା । ବେସରକାରୀ ସଂସ୍ଥାର ମହିଳାମାନେ ମିଶି ଏହି ବିଦ୍ୟାଳୟକୁ ଆରମ୍ଭ କରିଥିଲେ । ଏଇ ସ୍କୁଲରେ ଅନ୍ଧ, ମୂକ ଓ ବଧିର ପିଲାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଥାଏ । ଏଠାରେ ପାଠ ସାଙ୍ଗକୁ ବିଭିନ୍ନ ପ୍ରକାରର ଶିକ୍ଷା ମଧ୍ୟ ଦିଆଯାଏ । ଯଥା :- ଗୀତ, ନାଚ, ଖେଳ, ସିଲେଇ ଇତ୍ୟାଦି ।

ଅନ୍ଧ, ମୂକ ଓ ବଧିର ପିଲାମାନେ ଭାରି ସମୟାନୁବର୍ତ୍ତିତା । ସେମାନେ ଠିକ୍ ସମୟରେ ସ୍କୁଲକୁ ଆସୁଥିଲେ । କୁନିକୁନି ପିଲାମାନେ ଖେଳଖେଳୁ ତଳେ ପଡ଼ି ଯାଉଥିଲେ । ସେମାନଙ୍କୁ ଶିକ୍ଷୟିତ୍ରୀ ଉଠାଇବାରେ ସାହାଯ୍ୟ କରୁଥିଲେ । ବିଦ୍ୟାଳୟରେ ଘଣ୍ଟା ବାଜୁବାଜୁ ପ୍ରାର୍ଥନା କରିବା ପାଇଁ ସେମାନେ ଠିକ ସମୟରେ ପହଞ୍ଚି ଯାଉଥିଲେ ।

ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସେମାନଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ଧ୍ୟାନ ଦେଉଥିଲେ । ପିଲାମାନେ ଗୀତ ବୋଲୁବୋଲୁ ଖେଳୁଥିଲେ । ଖେଳଛୁଟି ସମୟରେ ପିଲାମାନେ ଖେଳୁଖେଳୁ ବେଦମ୍ ହୋଇଯାଉଥିଲେ ।

ସେମାନଙ୍କୁ ଏମିତି ଭାବରେ ଟ୍ରେନିଂ ଦିଆଯାଇଥାଏ ଯେ, ସେମାନେ ସୁନ୍ଦର ଭାବରେ ଲେଖିପାରନ୍ତି ଆଉ ମଧ୍ୟ ପଢ଼ି ପାରନ୍ତି । ସେମାନେ ଅକ୍ଷର ଉପରେ ହାତ ମାରୁମାରୁ ପଢୁଥିଲେ । ତାଙ୍କ ପଢ଼ିବାର କୌଶଳ ଓ ଲେଖିବାର କୌଶଳ ମୁଁ ଦେଖିଦେଖି ତଟକା ହୋଇଯାଇଥିଲି ।

ଆଜିକାଲି ମଧ୍ୟ ସେମାନେ ସାଧାରଣ ପିଲାମାନଙ୍କଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି । ଅନ୍ଧ, ମୂକ ଓ ବଧିର ପିଲାମାନଙ୍କର ଗୋଟିଏ ଇନ୍ଦ୍ରିୟ ଖରାପ ହେଲେ ଅନ୍ୟ ସବୁ

ଇନ୍ଦ୍ରୀୟ୍ ବହୁ ସକ୍ରିୟ୍। ଯାହା ଫଳରେ ସେମାନେ ଅନ୍ୟସବୁ କାମ କରିବାପାଇଁ ସକ୍ଷମ ହୋଇପାରନ୍ତି ।

ସେମାନେ ଶରୀର ବିକଳାଙ୍ଗ ହେଲେ ବି ସେମାନେ ଅନ୍ୟ ସବୁ ଗୁଣରେ ପାରଙ୍ଗମ । ଆଜିକାଲି ସେମାନେ ଉଚିତ ଟ୍ରେନିଂ ପାଇ ବିଭିନ୍ନ ପ୍ରତିଯୋଗିତାମାନଙ୍କରେ ଅଶଂ ଗ୍ରହଣ କରି ସରକାରଙ୍କ ଠାରୁ ପୁରଷ୍କୃତ ମଧ୍ୟ ହେଉଛନ୍ତି ।

शब्दार्थ

ओड़िआ शब्द	**हिंदी अर्थ**
ଗାଁରେ	**गाँव में**
ଅନ୍ଧ, ମୂକ ଓ ବଧିର	**अंधा, मूक और बधिर**
କୁଳୁକୁଳୁ	**कल कल ध्वनी**
ସ୍ୱତନ୍ତ୍ର	**स्वतंत्र**
ପ୍ରଶିକ୍ଷଣ	**प्रशिक्षण**
ବିଭିନ୍ନ ପ୍ରକାର ଶିକ୍ଷା	**विभिन्न प्रकार की शिक्षा**
ଗୀତ	**गाना**
ନାଚ	**नाच**
ଖେଳ	**खेल**
ସିଲେଇ	**सिलाइ**
ସମୟାନୁବର୍ତ୍ତିତା	**समय का पालन**
ଠିକ୍ ସମୟରେ	**ठीक समय पर**
ପ୍ରାର୍ଥନା	**प्रार्थना**
କୁନି କୁନି ପିଲାମାନେ	**छोटे छोटे बच्चे**
ଖେଳୁଖେଳୁ	**खेलते खेलते**
ଶିକ୍ଷକ	**शिक्षक**

ଶିକ୍ଷୟିତ୍ରୀ	**अध्यापिका**
ସାହାଯ୍ୟ	**सहायता**
ଘଣ୍ଟା ବାଜୁବାଜୁ	**घंटा बजते बजते**
ପହଂଚି ଯାଉଥିଲେ	**पहुँच गये थे**
ପ୍ରତ୍ୟେକ ମୁହୂର୍ତ୍ତ	**हर घड़ि**
ଧ୍ୟାନ	**ध्यान**
ଗୀତ ବୋଲୁବୋଲୁ	**गाना गाते गाते**
ଖେଳଛୁଟି ସମୟରେ	**खेल छुट्टि के समय में**
ବେଦମ୍	**बेदम्**
ଟ୍ରେନିଂ	**ट्रेनिंग**
ଅକ୍ଷର ଉପରେ	**अक्षर के ऊपर**
ହାତ ମାରୁମାରୁ	**हात लगाते लगाते**
ପଢ଼ିବାର କୌଶଳ	**पढ़ने की शैली**
ଲେଖିବାର କୌଶଳ	**लिखने की शैलि**
ଟଟକା	**ताजा, हरा-भरा**
କୌଣସି ଗୁଣରେ	**किसी भी गुण में**
କମ୍ ନୁହେଁ	**कम नहीं**
ଇନ୍ଦ୍ରିୟ	**इंद्रिय**
ସକ୍ରିୟ	**सक्रिय**
ସକ୍ଷମ	**सक्षम**
ପଢୁଥିବାର	**पढ़ते हुए**
ଶାରୀରିକ	**शारीरिक**
ବିକଳାଙ୍ଗ	**विकलांग**
ପାରଙ୍ଗମ	**पारंगम**
ପ୍ରତିଯୋଗିତା	**प्रतियोगिता**
ଅଂଶଗ୍ରହଣ	**भाग लेना**
ରାଜ୍ୟସରକାରଙ୍କଠାରୁ	**राज्य सरकार की तरफ से**

ପୁରସ୍କୃତ **पुरस्कृत**

अभ्यास

I. अनुच्छेद के अनुसार नीचे दिए गए प्रश्नों के उत्तर लिखिए।

1. ଆମ ଗାଁରେ କେଉଁ ବିଦ୍ୟାଳୟ ଅଛି ?
2. ନଈଟି କେମିତି ବୋହୁଛି ?
3. କେଉଁମାନେ ଏହି ବିଦ୍ୟାଳୟଟିକୁ ଆରମ୍ଭ କରିଥିଲେ ?
4. ଅନ୍ଧ, ମୂକ ଓ ବଧିର ପିଲାମାନଙ୍କୁ କିପରି ଶିକ୍ଷା ଦିଆଯାଇଥାଏ ?
5. ଏହି ବିଦ୍ୟାଳୟରେ କି ପ୍ରକାର ଟ୍ରେନିଂ ଦିଆଯାଇଥାଏ ?
6. କେଉଁମାନେ ଭାରି ସମୟାନୁବର୍ତ୍ତିତା ?
7. କୁନି କୁନି ପିଲାମାନେ କେମିତି ପଢ଼ିଯାଉଥିଲେ ?
8. ବିଦ୍ୟଳୟରେ ଘଣ୍ଟା ବାଜୁବାଜୁ ସେମାନେ କ'ଣ ପାଇଁ ପହଞ୍ଚୁଥିଲେ ?
9. ଖେଳଛୁଟି ସମୟରେ ପିଲାମାନେ କ'ଣ କରୁଥିଲେ ?
10. ସେମାନେ କାହା ଉପରେ ହାତ ମାରୁମାରୁ ପଢ଼ିପାରୁଥିଲେ ?
11. ଗୋଟିଏ ଇନ୍ଦ୍ରିୟ ଖରାପ ହେଲେ ଅନ୍ୟ ସବୁ ଇନ୍ଦ୍ରିୟ କ'ଣ ହୁଏ ?
12. କେଉଁମାନେ ଶାରୀରିକ ବିକଳାଙ୍ଗ ହେଲେବି ଅନ୍ୟ ସବୁ ଗୁଣରେ ପାରଙ୍ଗମ ?
13. ସେମାନେ କେଉଁଥିରେ ଅଂଶ ଗ୍ରହଣ କରିପାରୁଛନ୍ତି ଓ କାହାଠାରୁ ପୁରସ୍କୃତ ହେଉଛନ୍ତି ?

II. नीचे दिए गए वाक्यों में से उन शब्दों को पहचानिए जो अनुच्छेद में आए हैं।

1. ଜଙ୍ଗଲ ଭିତରେ ଝରଣାଟି କୁଳୁକୁଳୁ ଶବ୍ଦ କରି ବହି ଯାଉଛି ।
2. ଗଛଲତା ଗୁଡ଼ିକ ରଙ୍ଗ ବେରଙ୍ଗର ଫୁଲ ଫଳରେ ଭରା ।
3. ପ୍ରଜାପତି ଫୁଲରୁ ଫୁଲକୁ ଉଡୁଥିବାର ଆମେ ଦେଖିଲୁ ।
4. ମନ୍ଦିରରେ ସନ୍ଧ୍ୟା ଘଣ୍ଟା ବାଜିଲା ।
5. ଦୂରରୁ ପ୍ରାର୍ଥନା ସଂଗୀତ ଭାସି ଆସିଲା ।
6. ସତରେ, ପ୍ରକୃତି କେଡ଼େ ସୁନ୍ଦର !

III. अनुच्छेद के आधार पर दिए गए कथनों में से सही कथन पहचानिए।

1. ଝରଣାଟିଏ କୁଳୁକୁଳୁ ଶବ୍ଦ କରି ବହିବ ।
2. ଭଅଁରମାନେ ଫୁଲରୁ ଫୁଲକୁ ଉଡ଼ି ବୁଲୁଥିବାର ତୁମେ ଦେଖି ପାରୁଛତ ?
3. ଘଣ୍ଟା ବାଜିଲାଣି, ଗାଡ଼ି ଛାଡ଼ିବ ।
4. ଛୁଟି ଘଣ୍ଟା ବାଜିଲେ କେହି ଘରକୁ ଯିବେ ନାହିଁ ।
5. ସତରେ, ଆମ ବିଦ୍ୟାଳୟ କେଡ଼େ ସୁନ୍ଦର !
6. ଶିକ୍ଷୟିତ୍ରୀମାନେ ଖେଳଣା ଓ ଛବି ଦେଖାଇ ପଢ଼ାନ୍ତି ନାହିଁ ।

IV. **ओड़िआ में अनुवाद कीजिए।**

उसने चलते चलते मुझ से कहा। "देखो, रात हो गई है। तुम को जल्दी चलना होगा। चलते चलते ही हम बातें करेंगे।" "सुनो, आज मेरे दप्तर में पहली बार मेरा एक अनुभव हुआ। मैं तो मधुप्रिया को गाना गाती गाती पत्र टैप करते हुए देखा।" "क्या, तुम छुप कर उस का गाना सुन रहे थे? कोई काम नहीं किया ?" "ऐसा कैसा हो सकता है? फिर भी गाना सुनते सुनते काम करने की आदत मेरी नहीं है। मैं एक समय एक ही काम कर सकता हूँ।" "क्या सुरेष, तुम्हें मधुप्रिया की गीत अच्छा नहीं लगा। इसलिए ऐसे बोल रहे हो?" "नहीं भाई, काम करने के समय मुझे और कुछ करना, सुनना या देखना बिलकुल पसंद नहीं।" "छोड़ो यार, तुम्हारे जैसे कई लोगों को मैं ने देखा है। मन में एक सोच और बात में उस की उलटी बात।" "नहीं यार, मैं सच बोल रहा हूँ। गीत सुनते सुनते मुझे काम में लगन रखना मुश्किल हो गया था।" बसवाले हर्न करते करते ऊब गए होंगे। दौड़ो दौड़ो, तुम्हारा सीट पकडों। मैं आटो में चला जाऊँगा।"

V. **हिंदी में अनुवाद कीजिए।**

ଆଜିକାଲି ନିରକ୍ଷରମାନଙ୍କ ପାଇଁ ପ୍ରୌଢ଼ଶିକ୍ଷା କେନ୍ଦ୍ର ଖୋଲାହେବା ବହୁତ ଜରୁରି । ସେମାନେ ହସିହସି ଆଗ୍ରହର ସହ ପ୍ରୌଢ଼ଶିକ୍ଷା କେନ୍ଦ୍ରକୁ ପଢ଼ିବାକୁ ଆସିଥାନ୍ତି । ଆଉ ମଧ୍ୟ ପାଠ

ପଢ଼ିପଢ଼ି ଅନେକ କିଛି ଶିଖିଥାନ୍ତି । ରମାର ଖୁଡ଼ୀ ଜଣେ ନିରକ୍ଷର । ଏବେ ସେ ପ୍ରୌଢ଼ଶିକ୍ଷା କେନ୍ଦ୍ରକୁ ଯାଇକରି ଅନେକ କିଛି ବହି ପଢ଼ି ପାରିଲେଣି ଆଉ ଲେଖି ପାରିଲେଣି । ଏଥର ସେ ମୋ ପାଖକୁ ଏକ ଚିଠି ଲେଖିଥିଲେ । ସେଇ ଚିଠିଟି ପଢୁପଢୁ ମୁଁ ଖୁସି ହୋଇଗଲି । ସତରେ ଯେଉଁମାନେ ନିରକ୍ଷର ସେମାନେ ସାକ୍ଷର ହୋଇସାରିଲା ପରେ ସେମାନେ ନିଜକୁ ଅନ୍ୟ ଦଶଜଣଙ୍କ ସାଙ୍ଗରେ ସମାନ ମନେ କରନ୍ତି । ଭାଷାକୁ ଛାଡ଼ିକରି ସାକ୍ଷରତାର ପରିକଳ୍ପନା ଅସମ୍ଭବ । ଅକ୍ଷରକ୍ରମ ସହିତ ଶବ୍ଦକ୍ରମକୁ ଯୋଡ଼ିକରି ଦେଖେଇବା ଉଚିତ । ଆଜିକାଲି ପିଲାଙ୍କର ଉଭୟ ଅକ୍ଷରସଂଖ୍ୟା ଓ ଅକ୍ଷରକ୍ରମ ବିଷୟରେ ଧାରଣା ଅସ୍ପଷ୍ଟ । ସାଧାରଣତଃ ଏବେ ଓଡ଼ିଆ କଥିତ ଭାଷାରେ ଦେଖାଯାଉଛି ଯେ, ବହୁତ ପଢ଼ିପଢ଼ି ଆସିଲା

ପରେ ହ୍ରସ୍ୱ ଓ ଦୀର୍ଘର ପାର୍ଥକ୍ୟ ଲୋପ ପାଇଗଲାଣି। ଦନ୍ତ୍ୟ 'ସ', ତାଲବ୍ୟ 'ଶ', ମୂର୍ଦ୍ଧନ୍ୟ 'ଷ' ତିନୋଟିଯାକ ଉଠିଯାଇ କେବଳ ଦନ୍ତ 'ସ' ର ବ୍ୟବହୃତ ହେଉଛି। ସେହିପରି ବର୍ଗ୍ୟ 'ଜ' ଓ ଅବର୍ଗ୍ୟ 'ଯ' ର ପାର୍ଥକ୍ୟ ଗଲାଣି କିନ୍ତୁ ଲେଖାରେ ଏସବୁଗୁଡ଼ିକ ଅଛି। ଏଥିରୁ କେଉଁ କେଉଁ ଅକ୍ଷର ରହିବ ଏବଂ ସେହି ଅକ୍ଷରକୁ ଭାଗଭାଗ କରି ଆଉ ଥିବା ନ ଥିବା କ୍ରମରେ ଶିଖେଇବା ସାକ୍ଷରତା ପାଠର ଅଙ୍ଗ ହେବା ଉଚିତ।

VI. **नीचे दिए गए क्रिया रूपों की सहायता से एक यात्रा विवरण लिखिए।**

ଯାଉଥିବାର, ଉଠୁଉଠୁ, ପହଞ୍ଚୁ ପହଞ୍ଚୁ, ଦେଖିଦେଖି, ଖାଇଖାଇ, କାଟୁଥିବାର, ଗାଇଗାଇ, ଡାକିଡ଼ାକି, ଫେରୁଫେରୁ।

टिप्पणियाँ

I. **इस पाठ में निम्न प्रकार के वाक्यों का प्रयोग हुआ है।**

1. ସେମାନେ ଆସୁଆସୁ ଡ଼େରିକଲେ। — **उन्होंने आते-आते देरी की।**
   सेमाने आसुआसु डेरिकले।
2. ଚାଲୁଚାଲୁ ମୁଁ ଏତେ ଦୂର ଚାଲି ଆସିଲି। — **चलते-चलते मैं इतनी दूर आई।**
   चालुचालु मुँ एते दूर चालि आसिलि।
3. ମୁଁ ତାଙ୍କୁ ଆସୁଥିବା ଦେଖିଲି। — **मैंने उनको आते हुए देखा।**
   मुँ ताकुं आसुथिबा देखिलि।
4. ମୁଁ ତାଙ୍କୁ ଯାଉଥିବା ଦେଖିଲି। — **मैं ने उनको जाते हुए देखा।**
   मुँ ताकुं जाउथिबा देखिलि।
5. ମୁଁ ସେମାନଙ୍କୁ ଖେଳୁଥିବାର ଦେଖିଲି। — **मैं ने उनको खेलते हुए देखा।**
   मुँ सेमानंकु खेळुथिबार देखिलि।

(1) तथा (2) वाक्यों में रेखांकित शब्द मूल क्रिया के साथ '-ଉ' (-उ) प्रत्यय जोड़कर बने हुए क्रियारूपों की पुनरुक्ति हैं। ऐस प्रयोग वर्तमानकालिक कृदंत हैं।

ଆସୁ ଆସୁ -	**(आसुआसु)**	**आते आते**
ଚାଲୁଚାଲୁ -	**(चालुचालु)**	**चलते चलते**

(3) तथा (4) के वाक्यों में रेखांकित शब्द मूल क्रिया के साथ -ଯା + -ଉ + -ଥିବା (जा +-उ + थिबा) जोड़कर बने हुए क्रियारूप हैं। ऐसे प्रयोग कृदंत विशेषण हैं।

-ଯା + -ଉ + -ଥିବା = ଯାଉଥିବା 'जाते हुए'

जा + -उ + थिबा = जाऊथिबा

ଆସ୍ + ଉ + ଥିବା = ଆସୁଥିବା 'आते हुए'

आस् + -उ + -थिबा = आसुथिबा

वाक्य (5) का रेखांकित शब्द उपर्युक्त प्रयोग का वैकल्पिक कियारूप है जो मूल क्रिया के साथ -उ+-थिबा+-र जोड़कर बना हुआ हे। जैसे :-

-ଖେଳ୍ + -ଉ + -ଥିବା+ -ର = ଖେଳୁଥିବା

-खेळ + -उ + -थिबा + र = खेळुथिबार 'खेलते हुए'

-ଗା + -ଉ + -ଥିବା + -ର = ଗାଉଥିବାର

-गा + -उ+ -थिबा + -र = गाउथिबार 'गाते हुए'